## ସଂକ୍ଷେପରେ

### ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବି

ଅନୁଗୋଳ ଅଫିସ,୧।୬- କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ପ୍ରତିବାଦରେ ଦିଲ୍ଲୀଠାରେ ଆନ୍ଦୋଳନ ଚଳାଇଥିବା ମହିଳା କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରି ଅବିଳମ୍ବେ ଭାଜପା ଏମ୍‌ପି ବ୍ରିଜଭୂଷଣ ସରଣ ସିଂଙ୍କୁ ଗିରଫ କରିବା ପାଇଁ ଦାବି କରିଛି ଏଆଇଡିଡବ୍ଲ୍ୟୁଓ ଅନୁଗୋଳ ଜିଲା କମିଟି। ଏ ନେଇ କମିଟି ପକ୍ଷରୁ ଗୁରୁବାର ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି ବିକ୍ଷୋଭ ସଭାରେ ସଙ୍ଗଠନର ଜିଲା ସଭାପତି ନିରଞ୍ଜନ ନାୟକ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ଉପସଭାପତି କିଶୋର ଚନ୍ଦ୍ର ବିଶ୍ୱାଳ, ମଳୟ ବେହେରା, ବିଜୟ ସାହୁ, ପ୍ରଭାତ ପ୍ରଧାନ, ସୋରେନ୍ ସାହୁ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରିଥିଲା।

### ଡ୍ରେନ୍‌ରେ ପଡ଼ି ଯୁବକ ମୃତ

ଅନୁଗୋଳ ଅଫିସ,୧।୬- ଅନୁଗୋଳ ସହର ଏନ୍‌ଏଚ୍‌ଆଇ କଲୋନୀ ଠାରେ ଥିବା ନାଳରେ ପଡ଼ି ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତ ଯୁବକ ଆଙ୍ଗୁଲା ଅଞ୍ଚଳର କିଶୋର ଚନ୍ଦ୍ର ସାହୁଙ୍କ ପୁଅ ବିଶ୍ୱଜିତ୍ ସାହୁ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ନିକଟରୁ ପୋଲିସ ସୂଚନା ପାଇ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ କହିଛି, ବିଶ୍ୱଜିତ୍ ସହରର ରାଧାରମଣପଡ଼ା ଅଞ୍ଚଳରେ ଏକ ଗାଡ଼ି ମରାମତି ଦୋକାନ କରିଛନ୍ତି। ସେ ଏନ୍‌ଏଚ୍‌ଆଇ କଲୋନୀରେ ରହୁଥିଲେ। ବୁଧବାର ରାତିରେ ଘରକୁ ଫେରିବା ସମୟରେ ନାଳରେ ପଡ଼ିଯାଇଥିବା ଅନୁମାନ କରାଯାଉଛି।

# ମନଇଚ୍ଛା ଲୁଟୁଛନ୍ତି ମୋରମ

- ରାତିରେ ବେଆଇନ ଭାବେ କଟାଯାଉଛି ପାହାଡ଼
- ରାସ୍ତା ନିର୍ମାଣରେ ବ୍ୟବହାର ପାଇଁ ହେଉଛି ଚୋରି
- ତାଗିଦ୍, ଜରିମାନାରେ ଅଟକିଛି ରାଜସ୍ୱ ଓ ଜଙ୍ଗଲ ବିଭାଗ



**ଜଙ୍ଗଲ ଜମିରୁ ଚୋରି ହେଉଛି ମାଟି। ରାତିରେ ପାହାଡ଼ କାଟି ମନଇଚ୍ଛା ଲୁଟି ନିଆଯାଉଛି ମୋରମ। ମାସ ମାସ ଧରି କାର୍ଯ୍ୟରେ ଲାଗିଛି ମେଶିନ। ନିୟମିତ ପରିବହନ କରୁଛି ଟ୍ରକ୍ ଓ ଟିପ୍ପର। ଏହି ବେଆଇନ କାର୍ଯ୍ୟ ଜରିଆରେ ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି କେତୋଟି ଠିକାସଂସ୍ଥା ଓ ମାଫିଆ। ହେଲେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଅଭାବରୁ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଥିବା ବେଳେ ରାଜସ୍ୱ ହରାଉଛନ୍ତି ସରକାର। ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦର ଏପରି ଚୋରା କାରବାରକୁ ନେଇ ସାଧାରଣରେ ଦେଖାଦେଇଛି ଉଦ୍‌ବେଗ।**

ବଇଣ୍ଡା,୧।୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଧୀନରେ ଥିବା ପାହାଡ଼ ଗୁଡ଼ିକରୁ ବଢ଼ୁଛି ମୋରମ ଲୁଟ୍। ବିଶେଷକରି କଦଳୀମୁଣ୍ଡା, ଜାମୁନାଳୀ, ନୁନୁକାପଶି, କମରେଇ, ଗାଁ ବଇଣ୍ଡା, ବଣିନାଳୀ, ନାକିଚି, ବାମୁର ରେଞ୍ଜ ଅଧୀନରେ ଥିବା ଗୁରୁଜାଙ୍ଗ, ଆମ୍ବପାଳ ଆଦି ଅଞ୍ଚଳରେ ଥିବା ପାହାଡ଼ରୁ ରାତିରେ ମୋରମ ଚୋରି ହେଉଛି। ଜଙ୍ଗଲ ଜମିରୁ ମାଟି ଖୋଳି ନିଆଯାଉଛି। କିଶୋରନଗର ବ୍ଲକ ଅଞ୍ଚଳରେ ବିଭିନ୍ନ ରାସ୍ତା ନିର୍ମାଣ ହେଉଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଜାରି ରହିଛି। ଏଥିରେ କାର୍ଯ୍ୟରତ କେତୋଟି ଠିକାସଂସ୍ଥା ବିନା ସରକାରୀ ଅନୁମତିରେ ଏହି ମୋରମ ଓ ମାଟି ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏହି ଠିକାସଂସ୍ଥାର କର୍ମଚାରୀମାନେ ଜଙ୍ଗଲ ଓ ରାଜସ୍ୱ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ମେଶିନ ମାଧ୍ୟମରେ ପାହାଡ଼ କାଟି ମୋରମ ଓ ମାଟି ଟିପର, ଟ୍ରକ୍ ଜରିଆରେ ଚାଲାଣ କରୁଛନ୍ତି। ଏଥିସହ ପାହାଡ଼ ଉପରେ ଥିବା ବଡ଼ ବଡ଼ ଶାଗୁଆନ, ଶିଶୁ, ଶାଳ ଗଛଗୁଡ଼ିକୁ କାଟି ଗଣ୍ଡିଗୁଡ଼ିକୁ ବାହାରକୁ ପଠାଉଛନ୍ତି। ୨୦୨୦ -୨୦୨୧ ମସିହାରେ ଏପରି ବେଆଇନ କାର୍ଯ୍ୟ ଉପରେ ବଇଣ୍ଡା ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ ଲକ୍ଷ ୮୯ ହଜାର ୬୯୧ ଟଙ୍କା ଓ ୨୦୨୨ ମସିହାରେ ୫ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। କିନ୍ତୁ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜାମୁନାଳି ପଞ୍ଚାୟତରେ ଥିବା ୪ଟି ପାହାଡ଼ରୁ ଏକ ଠିକାସଂସ୍ଥା ନିୟମିତ ମୋରମ ଚାଲାଣ କରୁଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ୧୨ ଏପ୍ରିଲ ୨୦୨୨ ଓ ୫ ମାର୍ଚ୍ଚ ୨୦୨୩ରେ କିଶୋରନଗର ତହସିଲ କାର୍ଯ୍ୟାଳୟ ଠାରେ ଅଭିଯୋଗ କରାଯାଇଥିଲା। ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲେ ମଧ୍ୟ ପ୍ରଶାସନ ଆଖିରେ ଧୂଳି ଦେଇ ଠିକାସଂସ୍ଥା ପାହାଡ଼କୁ ସମ୍ପୂର୍ଣ୍ଣ କାଟି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି କେତେଜଣ ଠିକାଦାର କଦଳୀମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ବିଳମ୍ବିତ ରାତିରେ ଟ୍ରିପ୍ ଟ୍ରିପ୍ ମୋରମ, ମାଟି ବଇଣ୍ଡା ତଥା ଆଖପାଖ ଅଞ୍ଚଳକୁ ଚାଲାଣ କରୁଥିବା ବଇଣ୍ଡା ଗ୍ରାମବାସୀ ରାଜସ୍ୱ କାର୍ଯ୍ୟାଳୟ ଓ ହଣ୍ଡପା ରେଞ୍ଜ କାର୍ଯାଳୟ ଠାରେ ଅଭିଯୋଗ କରିଛନ୍ତି। ହେଲେ ବନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେଲା ଏପରି ଚୋରା କାରବାର ଜାରି ରହିଥିଲେ ବି ପ୍ରଶାସନ ଆଖିବୁଜି ବସିଥିବା ନୁନୁକାପଶି ଗ୍ରାମବାସୀ କହିଛନ୍ତି। ବିଭାଗର କେତେଜଣ କର୍ମଚାରୀ ଠିକାସଂସ୍ଥା ସହ ସଲାସୁତରା କରି ଏହି ବେଆଇନ ମୋରମ ଓ ମାଟି ଚାଲାଣରେ ସହଯୋଗ କରୁଥିବା ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

### ଲୁଟାଚୋରାରେ ଚାଲିଛି ସମ୍ପଦ ଲୁଟ୍



ଅନେକ ପାହାଡ଼କୁ ବେଆଇନ ଭାବେ କାଟି ମାଟି ଓ ମୋରମ ଚାଲାଣ କରାଯାଉଛି। ବଡ଼ ବଡ଼ ବୃକ୍ଷକୁ ଗଣ୍ଡି କରି ବାହାରକୁ ପଠାଯାଉଛି। କେତୋଟି ଠିକାସଂସ୍ଥା ଲୁଟାଚୋରାରେ ରାଜ୍ୟ ସମ୍ପଦକୁ ଏପରି ଲୁଟ୍ କରୁଥିବା ବେଳେ ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

-ସୁଭଦ୍ରା ସାହୁ, ଗୁରୁଜାଙ୍ଗ

### ରାଜସ୍ୱ ହରାଉଛନ୍ତି ସରକାର



ରାସ୍ତା କାମରେ ମାଟି ଓ ମୋରମ ବ୍ୟବହାର ପାଇଁ ଅନେକ ଠିକାସଂସ୍ଥା ପକ୍ଷରୁ ପାହାଡ଼କୁ ବେଆଇନ ଭାବେ କାଟି ଦିଆଯାଉଛି। ବିଳମ୍ବିତ ରାତିରେ ଏହି ଚୋରା କାରବାରକୁ ଧରାଯାଉ ନ ଥିବାରୁ ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ ହାନି ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

-ରମେଶ କୁମାର ସାହୁ, ବଇଣ୍ଡା

### ନିରାପଦରେ ଚାଲିଛି କାରବାର



ଦୀର୍ଘଦିନ ହେଲା କେତୋଟି ଠିକାସଂସ୍ଥା ପକ୍ଷରୁ ଲଘୁ ଖଣିଜ ଦ୍ରବ୍ୟର ଏପରି ଚୋରା କାରବାର କରାଯାଉଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଠିକ୍ ଭାବରେ ଚଢ଼ାଉ କରାଯାଉ ନାହିଁ। ଫଳରେ ମୋରମ ମାଫିଆମାନେ ନିରାପଦରେ ଏପରି କାରବାର ଚଳାଇଛନ୍ତି। ଏଥିଯୋଗୁ ମୃତ୍ତିକା କ୍ଷୟ ହେବା ସହ ରାଜସ୍ୱ କ୍ଷତି ହେଉଛି।

-ରାଜେନ୍ଦ୍ର ସାହୁ, ନୁକୁକାପଶି

### ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ



ଜାମୁନାଳିରେ ଥିବା ପାହାଡ଼କୁ ଏକ ଠିକାସଂସ୍ଥା ବେଆଇନ ଭାବେ କାଟୁଥିବା ସୂଚନା ପାଇ ଜଙ୍ଗଲ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ମୋରମ, ମାଟି ନ ନେବା ପାଇଁ ତାଗିଦ୍ କରାଯାଇଥିଲା। ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

-ସୁବ୍ରତ ଶତପଥୀ, ହଣ୍ଡପା ଫରେଷ୍ଟର

### ୩୦ ଲକ୍ଷ ଜରିମାନା କରାଯାଇଛି



ଏପରି ବେଆଇନ କାର୍ଯ୍ୟ କରୁଥିବା ଏକ ଠିକାସଂସ୍ଥାକୁ ୩୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ପାହାଡ଼ କାଟିବା ସମ୍ପର୍କରେ ବିଭାଗ ପକ୍ଷରୁ ତଦନ୍ତ କରାଯିବ। ରାସ୍ତା ନିର୍ମାଣ ପାଇଁ ୨ ମୋରମ ଖାଦାନରୁ ମୋରମ ଆଣିବା ପାଇଁ ଅନୁମତି ଦିଆଯାଇଛି। ଅତ୍ୟଧିକ କଟାଯାଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ଶାନ୍ତି ସ୍ୱରୂପ ମିଶ୍ର, ତହସିଲଦାର, କିଶୋରନଗର

# ଅବସରକାଳୀନ ସମ୍ବର୍ଦ୍ଧନା

ବଇଣ୍ଡା,୧।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟର ଏସ୍‌ଡିଓ ଫକୀର ମୋହନ ସାହୁଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କନିଷ୍ଠ ଯନ୍ତ୍ରୀ ହିମାଂଶୁ ମହାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କନିଷ୍ଠଯନ୍ତ୍ରୀ ବିଜୟ କୁମାର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ରୂପେଶ ପ୍ରଧାନ, ପ୍ରମୋଦ ପ୍ରଧାନ, ସୁନୀଲ ବିଶ୍ୱାଳ, ଦାଶରଥି ପ୍ରଧାନ, ଅନିଲ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ସମୀର ପ୍ରଧାନ, ଚିନ୍ମୟ ସାହୁଙ୍କ ସମେତ ବହୁ କର୍ମଚାରୀ ଯୋଗଦେଇଥିଲେ। ମୋହନଙ୍କ ସମୟରେ ଆଠମଲ୍ଲିକ ଅଞ୍ଚଳର ବହୁ ରାସ୍ତାର ବିକାଶ ହୋଇଛି ବୋଲି ମତପ୍ରକାଶ ପାଇଥିଲା। ଏଥିସହିତ ଉନ୍ନତମାନର କାର୍ଯ୍ୟ କରିବା ପାଇଁ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଥିଲା।



ଏସ୍‌ଡିଓ ଫକୀର ମୋହନ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ତାଳଚେର,୧।୬(ନି.ପ୍ର.)

ତାଳଚେର ବ୍ଲକ ଠାରେ ନୂତନ ମିଶନ ଶକ୍ତି ଗୃହର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଏବଂ ମହିଳା ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ଉପାଧ୍ୟକ୍ଷା ଅଞ୍ଜଲ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅମିୟ ପ୍ରଧାନ, ବିଭୁ ପ୍ରସାଦ ପତି, ରିତାରାଣୀ ଦାସ, ସତ୍ୟଭାମା ସାହୁ, ତାଳଚେର ନଗରପାଳ ଶ୍ରୀଯୁକ୍ତ ପବିତ୍ର ଭୂତିଆ, ଉପାଧ୍ୟକ୍ଷା ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର ପଦାଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ମିଶନ ଶକ୍ତି ଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଅନୁଗୋଳ ଅଫିସ,୧।୬

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରୁଥିବା ଅନୁଗୋଳର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଗୁରୁବାର ଅଭିଯୁକ୍ତ ତାଳଚେର କୋଲିୟାରୀ ଥାନା ଅଞ୍ଚଳର ସୁଶୀଲ ନାଏକ(୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୬ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୧୮ ନଭେମ୍ବର ୧୧ରେ କୋଲିୟାରୀ ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ଘରେ ଏକୁଟିଆ ଥିଲାବେଳେ ଅଭିଯୁକ୍ତ ସୁଶୀଲ ତାଙ୍କ ଘରେ ପଶି ଧମକ ଚମକ ଦେବା ସହ ବଳାତ୍କାର କରିଥିଲେ। ଏପରି କି କାହାକୁ କିଛି କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନାବାଳିକାଙ୍କ ଭଉଣୀ ଘରକୁ ଫେରି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ନଭେମ୍ବର ୨୩ରେ ନାବାଳିକା କୋଲିୟାରୀ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୩୩୫/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ବିଚାର କରୁଥିବା ଅନୁଗୋଳର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଗସ୍ତି କୁମାର ସାହୁ ୧୫ ଜଣଙ୍କ ବୟାନ ଓ ଅନ୍ୟାନ୍ୟ ଦଲିଲକୁ ଭିତ୍ତିକରି ଅଭିଯୁକ୍ତ ସୁଶୀଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିସହ ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାକୁ ସରକାରୀ ଓକିଲ ସରୋଜ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

# ପାରମ୍ପରିକ କୃଷି ଉପରେ ଗୁରୁତ୍ୱ

ଛେଣ୍ଡିପଦା,୧।୬(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ପିତାଚରୀ ଗ୍ରାମରେ ଓଡ଼ିଶା ଗୋସେବା ସମିତି ଆନୁକୂଲ୍ୟରେ ଭାରତୀୟ ଗୋବିଜ୍ଞାନ ଓ ଜୈବିକ କୃଷି ସମ୍ପର୍କିତ ଏକ କର୍ମଶାଳା ନୂଆଗାଁ ସ୍ଥିତ ସୁରଭି ଗୋଶାଳା ଆଶ୍ରମର ଅଜୟ ବାବାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୁରୀ ବାଲିଘାଇ ଆଶ୍ରମର ଶ୍ରୀକୃଷ୍ଣନନ୍ଦ ଗିରି, ସତସ୍ୱରୂପାନନ୍ଦ ଗିରି, ଓମକାରାନନ୍ଦ ପ୍ରମୁଖ ଯୋଗଦେଇ ପାରମ୍ପରିକ କୃଷି ଦ୍ୱାରା ଜଣେ କିପରି ଓ ସୁସ୍ଥ ନିରୋଗ ଜୀବନଯାପନ କରିବା ସହିତ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ମନୋଜ ଅଗ୍ରୱାଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। କର୍ମଶାଳାରେ ପିତାଚରୀ, ବକଳା, ବଡମୁଳ, ଲକ୍ଷ୍ମୀଧରପୁର ଏବଂ ତୁକୁଡା ଅଞ୍ଚଳର ଅନେକ ଚାଷୀ ଯୋଗଦାନ କରିଥିଲେ। କୀର୍ତ୍ତନ ବେହେରା, ଶିକ୍ଷକ ରମେଶ ଭାଇ ଏବଂ ପିତାଚରୀ ଗ୍ରାମବାସୀ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥିମାନଙ୍କ ସହ ଅଞ୍ଚଳବାସୀ।

### ବର୍ଷେ ନ ପୂରୁଣୁ ଭାଙ୍ଗିଗଲା ପାଚେରି



ଛେଣ୍ଡିପଦା,୧।୬(ନି.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ କୁଞ୍ଜବିହାରୀପୁର ସପ୍ତାହିକ ହାଟ ପାଚେରି ସ୍ୱଳ୍ପ ବର୍ଷାରେ ଭୁଶୁଡ଼ି ପଡ଼ିଛି। ନିର୍ମାଣର ଏକ ବର୍ଷ ନ ପୂରୁଣୁ ୮୦ ଫୁଟ ପାଚେରି ଭାଙ୍ଗିଯିବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଏହି ହାଟର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କା ବ୍ୟୟ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଏହି ପାଚେରି ନିର୍ମାଣ କରାଯାଇଥିଲା। ହେଲେ ସ୍ୱଳ୍ପ ବର୍ଷାରେ ୮୦ ଫୁଟର ପାଚେରି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମୁରା କହିଛନ୍ତି, ଘଟଣାର ତଦନ୍ତ ହେବ।

# ଅସହାୟ ବୃଦ୍ଧାଙ୍କୁ ପ୍ରଶାସନର ସହାୟତା

ଆଠମଲ୍ଲିକ,୧।୬(ଡି.ଏନ.ଏ.)

ଆଠମଲ୍ଲିକ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର ଅସହାୟ ବୃଦ୍ଧା ସୁଷମା ବେହେରା (୬୩)ଙ୍କୁ ସ୍ଥାନୀୟ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ପରିବାର ସଦସ୍ୟ କେହି ନ ଥିବାରୁ ସୁଷମା ଦୀର୍ଘ ଦିନ ହେଲା ଅସୁବିଧାରେ ଥିବା ଖବର ଉପଜିଲାପାଳ ତରଣୀ ସୁନା ଜାଣିବାକୁ ପାଇଥିଲେ। ଏହାପରେ ବ୍ଲକ ତରଫରୁ ଏକ ତିନି ଚକିଆ ସାଇକେଲ ବ୍ୟବସ୍ଥା କରି ଗୁରୁବାର ଉପଜିଲାପାଳ ସୁନା ବୃଦ୍ଧାଙ୍କ ନିକଟକୁ ଯାଇ ତାହା ପ୍ରଦାନ କରିଥିଲେ। ଏଥିସହିତ ଏକା ବସ୍ତା ଚାଉଳ, ୨ଟି ଶାଢ଼ି ଓ କିଛି ଆର୍ଥିକ ସାହାଯ୍ୟ ମଧ୍ୟ ଦେଇଥିଲେ। ଏ ସମ୍ପର୍କରେ ଉପଜିଲାପାଳ କହିଛନ୍ତି, ସୁଷମାଙ୍କ ଗୋଡ ଦୁଇଟି ଦୁର୍ବଳ ହୋଇଯାଇଥିବାରୁ ସେ ଚଲାବୁଲା କରି ପାରୁନାହାନ୍ତି। ତେଣୁ ଚିକିତ୍ସା କରାଯିବା ସହିତ ଖାଦ୍ୟ କେମିତି ଯୋଗାଇ ଦିଆଯାଇପାରିବ ସେ ନେଇ ବ୍ୟବସ୍ଥା କରାଯାଇଛି। ଘରେ ପାଇଖାନା ନ ଥିବାରୁ ତାହା ନିର୍ମାଣ କରାଯିବ। ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦେବାକୁ ବିଦ୍ୟୁତ୍ ବିଭାଗ ସହିତ ଯୋଗାଯୋଗ କରାଯାଉଛି ବୋଲି ଉପଜିଲାପାଳ କହିଥିଲେ। ଏହି ସହାୟତା ପ୍ରଦାନ ସମୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଆଇନଜୀବୀ ରଞ୍ଜନ ବେହେରା ଉପସ୍ଥିତ ଥିଲେ।



ଅସହାୟ ବୃଦ୍ଧାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିକାଣ୍ଡ

ଛେଣ୍ଡିପଦା, ୧।୬ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି କକ୍ଷରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୫ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଘଟଣାରୁ ପ୍ରକାଶ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରସୂତି କକ୍ଷରେ ଭୋର୍ ୪ଟା ବେଳେ ଅଗ୍ନିକାଣ୍ଡ ହୋଇଥିଲା। ଫଳରେ ପ୍ରସୂତି କକ୍ଷରୁ ଧୂଆଁ ବାହାରି ପାଖରେ ଥିବା କୋଠରିକୁ ବ୍ୟାପି ଯାଇଥିଲା। ନର୍ସମାନେ ଏହା ଜାଣିବା ପରେ ତୁରନ୍ତ ପ୍ରସୂତି କକ୍ଷ ନିକଟରେ ଥିବା କୋଠରିରୁ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟ କର୍ମଚାରୀମାନେ ପହଞ୍ଚି ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିବା ସହିତ ଛେଣ୍ଡିପଦା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ କଣିହାଁ ଓ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସନ୍ଦେହ କରାଯାଇଛି। ପ୍ରସୂତି ବିଭାଗର ଆକ୍ସିଜେନେଟର, ବେବି ୱାର୍ମର, ଦୁଇ ଦିନ ତଳେ ଲଗା ଯାଇଥିବା ଏସି, ସକ୍ସନ ମେସିନ, ଆମ୍ବୁ ବ୍ୟାଗ ସମେତ ପ୍ରାୟ ୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ପୋଡି ଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସିପ୍ରା ସାହୁ ଓ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତ୍ରିଲୋଚନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ପ୍ରସୂତିମାନଙ୍କ ଚିକିତ୍ସା ନିମନ୍ତେ ୨ଦିନ ମଧ୍ୟରେ ପ୍ରସୁତି କକ୍ଷକୁ ପୁନଃକାର୍ଯ୍ୟକ୍ଷମ କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



# ଶପଥ ନେଲେ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା

ତାଳଚେର,୧।୬(ନି.ପ୍ର.)

ତାଳଚେର ଟ୍ରକ୍ ମାଲିକ ସଂଘର ଶପଥ ଗ୍ରହଣ ଉତ୍ସବ ଗୁରୁବାର ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗତ ମାସ ୨୦ ତାରିଖରେ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୨୧ ତାରିଖରେ ଫଳାଫଳ ଘୋଷଣା କରାଯାଇଥିଲା। ସଂଘର ନୂତନ ସଭାପତି ଅରବିନ୍ଦ ଭୂତିଆଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପ୍ରଥମେ ତାଳଚେରର ଆରାଧ୍ୟ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ, ତାଳଚେରରେ କାର୍ଯ୍ୟ କରୁଥିବା ବିଭିନ୍ନ ସେକ୍ଟର ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା, ତାଳଚେରର ଲୋକପ୍ରତିନିଧିଙ୍କୁ ସାକ୍ଷାତ ଓ କୋଇଲା ଖଣିର ମ୍ୟାନେଜରଙ୍କୁ ସୌଜନ୍ୟମୂଳକ ଭେଟ କରି ୩ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ତେବେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ନେଇଥିଲେ। ନିର୍ବାଚନ ଅଧିକାରୀ ଆଡଭୋକେଟ ଯଦୁମଣି ସାହୁ ଓ ହରେକୃଷ୍ଣ ପାତ୍ର ଶପଥ ପାଠ କରାଇଥିଲେ। ପରେ ସଭାପତି ଭୂତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗକୁ କିପରି ଭାବେ ସମସ୍ୟାର ସମାଧାନ ସହ ଟ୍ରକ୍ ମାଲିକମାନେ ପ୍ରତିଦିନ ଟ୍ରକ୍‌ରେ ପରିବହନର ସୁଯୋଗ ଓ ଉଚିତ ମୂଲ୍ୟରେ ଟ୍ରକ୍ ଭଡା ପାଇପାରିବେ ସେଥିପାଇଁ ସଂଘ କାର୍ଯ୍ୟ କରିବାକ ସଂକଳ୍ପବଦ୍ଧ ବୋଲି ସଭାପତି ଭୂତିଆ ପ୍ରକାଶ କରିଥିଲେ। ତେବେ ପ୍ରଥମ ଥର ପାଇଁ ଏହି ଶପଥ ଗ୍ରହଣ ଉତ୍ସବରେ ମା' ହିଙ୍ଗୁଳା ପରିବହନ କାରୀ ସଂସ୍ଥାର ସଭାପତି ନୟନ ସାହୁ, ପ୍ରବୀର ପ୍ରଧାନ ଯୋଗଦେଇ ଟ୍ରକ୍ ମାଲିକ ସଂଘ ସହ ଉତ୍ତମ ସମ୍ପର୍କ ଓ ବୁଝାମଣାରେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଥିଲେ। ଏହି ଶପଥ ପାଠ ଉତ୍ସବରେ ସଭାପତି ଅରବିନ୍ଦ ଭୂତିଆଙ୍କ ସମେତ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ସାଧାରଣ ସମ୍ପାଦକ ରତନ ଶତପଥୀ, ଉପସଭାପତି ମନୋଜ ରାୟ, ବଜରଙ୍ଗ ଅଗ୍ରୱାଲ, ବୀରେନ୍ଦ୍ର ଖଣ୍ଡୁଆଲ, କୋଷାଧ୍ୟକ୍ଷ ନଗେଶ ପଟ୍ଟନାୟକ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ୮ ଜଣ ଶପଥ ଗ୍ରହଣ କରିଥିଲେ। ଏହି ଉତ୍ସବରେ ବୟୋଜ୍ୟେଷ୍ଠ ଟ୍ରକ୍ ମାଲିକ ପ୍ରଶ୍ନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ସଂଖ୍ୟକ ପୁରାତନ ଟ୍ରକ୍ ମାଲିକ ଓ ସଂଘର ପ୍ରାୟ ସମସ୍ତ ସଦସ୍ୟ ଯୋଗଦେଇଥିଲେ।



ନବନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ନେଉଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଚୋରି: ୪ ଗିରଫ



ରାସୋଳ, ୧୫(ଡି.ଏନ୍.ଏ.)-ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ଢେଙ୍କାନାଳ ଜିଲା ରାସୋଳ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ବଅଁରପାଳ ନୂଆହତାର ଦ୍ୱାରିକା ଗୁପ୍ତା, ଚରଡ଼ଗାଡ଼ିଆର ବିକାଶ ନାଏକ, ବାବୁଲା ନାଏକ, ଢେଙ୍କାନାଳ ସଦର ଥାନା ଅଞ୍ଚଳର ଅଶୋକ ନାଏକ। ମାଧପୁର କନ୍ତକୁଳରୁ ପଞ୍ଚପଡ଼ା ସବ୍‌ଷ୍ଟେଶନକୁ ବିଦ୍ୟୁତ୍ ସଂଯୋଗ ଲାଗି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ବାରମ୍ବାର ବିଦ୍ୟୁତ୍ ତାର ସମେତ ଅନ୍ୟ ଉପକରଣ ଚୋରି କରିନେଉଥିଲେ। ଏ ନେଇ ଅଭିଯୋଗ ହୋଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ୍ ଏବଂ ଚୋରି ସାମଗ୍ରୀ ଜବତ କରାଯାଇଛି।

# ଦୁବାଇ ଗଲା ଢେଙ୍କାନାଳ 'ଆମ୍ରପଲ୍ଲି'

ପୁଣି ଥରେ ବିଦେଶୀ ବଜାରରେ ସ୍ୱାଦ ବାଣ୍ଟିବ ଅର୍ଗାନିକ୍ 'ଆମ୍ରପଲ୍ଲି'। ଢେଙ୍କାନାଳର ଏହି ପ୍ରସିଦ୍ଧ ରସାଳ ଆମ୍ବର ସ୍ୱାଦ ଚାଖିବେ ଦୁବାଇବାସୀ। ଆରବ ରାଷ୍ଟ୍ରକୁ ପ୍ରଥମ ଥର ପାଇଁ ଜିଲାରୁ ଏହି ପ୍ରଜାତିର ୨ ଟନ୍ ଆମ୍ବ ରପ୍ତାନି ହୋଇଛି। ପୂର୍ବରୁ କେବଳ ବାଲାଂଦେଶ ହିଁ ଢେଙ୍କାନାଳ ଆମ୍ବର ବିଦେଶ ବଜାର ଥିବାବେଳେ ଏଠାକୁ ପରୋକ୍ଷରେ ରପ୍ତାନି ହେଉଥିଲା। ଚଳିତବର୍ଷ ସିଧାସଳଖ ଚାଷୀଙ୍କ ଆମ୍ବ ଢେଙ୍କାନାଳ ବ୍ରାଣ୍ଡିଂ ସହ ଦୁବାଇ ପଠାଯାଇଛି।

ଢେଙ୍କାନାଳ ଅଫିସ, ୧।୬

ଚଳିତବର୍ଷ ଢେଙ୍କାନାଳରେ ପ୍ରଚୁର ଆମ୍ବ ଫଳିଛି। ୫୦ ହଜାର ମେଟ୍ରିକ୍ ଟନ୍ ସହ ଉତ୍ପାଦନରେ ରାଜ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛି ଜିଲା। କୋଲକାତା, ଦିଲ୍ଲୀ, ମୁମ୍ବାଇ ଭଳି ଦେଶର ବଡ଼ ସହରରେ ଏହି ଋତୁକାଳୀନ ଫଳର ଚାହିଦା ଥିବାବେଳେ ଗୁରୁବାର ପ୍ରଥମ କରି ଚାଷୀଙ୍କଠାରୁ ସିଧାସଳଖ ଦୁବାଇ ଯାଇଛି ଅଢ଼େଇ ଟନ୍ ଆମ୍ରପଲ୍ଲି ଆମ୍ବ। ଏଥିରେ ମଧ୍ୟସ୍ଥ ସାଜିଛି ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ଏଗ୍ରିକଲଚରାଲ ଆଣ୍ଡ୍ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟ ଏକ୍ସପର୍ଟ ଡେଭେଲପ୍‌ମେଣ୍ଟ ଅଥରିଟି (ଆପେଡା)।

ଢେଙ୍କାନାଳ ସଦର ବ୍ଲକ କଳାପାଣି-ବଣସିଂହ ରାସ୍ତାରେ ରହିଛି ଆମ୍ବଚାଷୀ ସୁବ୍ରତ କୁମାର ଦାସ (୭୧)ଙ୍କ 'ପ୍ରକୃତି ଇକୋ ଫାର୍ମ'। ୩୦ ଏକର ଜମିରେ ସେ ଆମ୍ବ ଓ କାଜୁ ଚାଷ କରିଛନ୍ତି। ସେଥିରୁ ୬ ଏକର ଜମିରେ ଆମ୍ରପଲ୍ଲି, ମଲ୍ଲିକା, ଦଶେରୀ, କେଶର ପ୍ରଜାତିର ଆମ୍ବ ଚାଷ କରିଛନ୍ତି। ସୁବ୍ରତଙ୍କ ଫାର୍ମରୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଆମ୍ବ ପ୍ରତିବର୍ଷ ବିଭିନ୍ନ ରାଜ୍ୟ ସମେତ ଦେଶ ବାହାରକୁ ରପ୍ତାନି ହେଉଥିଲା। ତେବେ ଏଥିରେ ମଧ୍ୟସ୍ଥ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ। ଚଳିତବର୍ଷ ଭାରତ ସରକାରଙ୍କ ସଂସ୍ଥା ମାଧ୍ୟମରେ ସିଧାସଳଖ ଆମ୍ବ ରପ୍ତାନି କରାଯାଇଛି। ଏଥିପୂର୍ବରୁ ଆପେଡା, ଜିଲା ଉଦ୍ୟାନ କୃଷି ଏବଂ ଆମ୍ବ କ୍ରୟ କରିଥିବା ପାଫ୍ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍‌ର ଅଧିକାରୀମାନେ 'ପ୍ରକୃତି ଇକୋ ଫାର୍ମ' ପରିଦର୍ଶନ କରି ଆମ୍ରପଲ୍ଲି ଆମ୍ବର ଗୁଣବତ୍ତା ପରୀକ୍ଷା କରିଥିଲେ।



ଢେଙ୍କାନାଳର ଆମ୍ରପଲ୍ଲି ଆମ୍ବ।

- ପ୍ରଥମ ଥର ୨.୫ ଟନ୍ ଆମ୍ବ ରପ୍ତାନି
- ଉତ୍ପାଦନରେ ରାଜ୍ୟରେ ପ୍ରଥମ ସ୍ଥାନ

ଆମ୍ବ ଯେପରି ଦୀର୍ଘଦିନ ଯାଏ ସୁରକ୍ଷିତ ରହିବ, ସେଥିଲାଗି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏକ ଶୀତତାପ ନିୟନ୍ତ୍ରିତ ଟ୍ରକ୍‌ରେ ଢେଙ୍କାନାଳରୁ ଆମ୍ବ କୋଲକାତା ଯିବ। ସେଠାରୁ ପାଫ୍ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ବିମାନରେ ଦୁବାଇ ପଠାଯିବ। ସ୍ଥାନୀୟ ବଜାରରେ ଆମ୍ରପଲ୍ଲି ଦର କେଜି ପିଛା ୯୦ ଟଙ୍କା ଥିବାବେଳେ ବିଦେଶରେ ଏହା ୨୦୦ ଟଙ୍କା ଯାଏ ବିକ୍ରି ହେବ ବୋଲି ଜଣାପଡ଼ିଛି। ରପ୍ତାନି ହୋଇଥିବା ଆମ୍ରପଲ୍ଲି ଆମ୍ବ ପ୍ୟାକେଟ୍‌ରେ 'ପ୍ରକୃତି ଫାର୍ମ ଢେଙ୍କାନାଳ' ବୋଲି ଷ୍ଟିକରିଂ କରାଯାଇଛି। ଫଳରେ ଦୁବାଇରେ ଢେଙ୍କାନାଳ ଆମ୍ବ ସ୍ୱତନ୍ତ୍ର ପରିଚୟ ହାସଲ କରିବ ବୋଲି ଚାଷୀ ସୁବ୍ରତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀ ପତାକା ଦେଖାଇ ଦୁବାଇକୁ ଆମ୍ବ ରପ୍ତାନିର ଶୁଭାରମ୍ଭ କରିଥିଲେ। ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ, ଆପେଡାର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଆପେଡା ବୋର୍ଡର ସର୍ବଭାରତୀୟ ସଦସ୍ୟ ତଥା ପୂର୍ବାଞ୍ଚଳ ବୋର୍ଡ ସଦସ୍ୟ ସୁକାନ୍ତ କୁମାର ପାଣିଗ୍ରାହୀ, ପାଫ୍ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ ଘୋଷ, ଆମ୍ବଚାଷୀ ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ପାଢ଼ୀଙ୍କ ସୂଚନା ଅନୁଯାୟୀ, ଓଡ଼ିଶାର ମୟୂରଭଞ୍ଜ ଜିଲାର ସର୍ବାଧିକ ଜମିରେ ଆମ୍ବଚାଷ ହେଉଛି। ହେଲେ ଉତ୍ପାଦନରେ ଢେଙ୍କାନାଳ ରାଜ୍ୟରେ ପ୍ରଥମ। ଜିଲାର ୧୦,୦୦୦ ହେକ୍ଟର ଜମିରେ ୨୦୦ ଚାଷୀ ଆମ୍ବଚାଷ କରୁଛନ୍ତି। ଆଗାମୀ ଦିନରେ ଆମ୍ବ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ କର୍ମଶାଳା ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବ। ଜିଲାପାଳ ସେଠୀ କୁହନ୍ତି, ଦୁବାଇକୁ ସିଧାସଳଖ ଢେଙ୍କାନାଳ ଆମ୍ବ ରପ୍ତାନି ହେବା ଖୁସିର କଥା। ଚାଷୀଙ୍କୁ ଗୁଣାତ୍ମକ ଆମ୍ବ ଉତ୍ପାଦନ ଏବଂ ସେମାନେ ନିଜସ୍ୱ ଉଦ୍ୟମରେ ଯେପରି ପ୍ୟାକିଂ କରିପାରିବେ ସେ ନେଇ ତାଲିମ ଦିଆଯିବ। ଏହାଦ୍ୱାରା ସେମାନଙ୍କୁ ଅଧିକ ଲାଭ ମିଳିବ।



ପ୍ୟାକିଂ ଆମ୍ବକୁ ଜିଲାପାଳ ଦେଖୁଛନ୍ତି।

### ପରିତ୍ୟକ୍ତ 'ମ୍ୟାଙ୍ଗୋ ହବ୍' ପୁନରୁଦ୍ଧାର ହେବ

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରରେ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ମ୍ୟାଙ୍ଗୋ ହବ୍' ପରିତ୍ୟକ୍ତ ହୋଇପଡ଼ିଛି। ଆମ୍ବଚାଷୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପିପିପି ମୋଡ୍‌ରେ ଏହାକୁ ନିର୍ମାଣ କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ୧୦ କୋଟି ଏବଂ ଚାଷୀମାନେ ମିଳିତ ଭାବେ ୧ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଥିଲେ। ତେବେ ତ୍ରୁଟିପୂର୍ଣ୍ଣ ପରିଚାଳନାରୁ ବର୍ଷ କେଇଟା ଏହା ଲକ୍ଷ୍ୟରୁ ଦୂରେଇଯାଇଛି। ଏହାକୁ ନେଇ ଆମ୍ବଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଥିବାବେଳେ 'ମ୍ୟାଙ୍ଗୋ ହବ୍' ପୁନରୁଦ୍ଧାର କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଖୁବ୍‌ଶୀଘ୍ର କୃଷି ବିଭାଗ ସଚିବ 'ମ୍ୟାଙ୍ଗୋ ହବ୍' ପରିଦର୍ଶନରେ ଆସିବେ। ଆମ୍ବଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ଅଗଷ୍ଟ ୧୦ରୁ ଫାଇଲେରିଆ ନିରାକରଣ ଅଭିଯାନ

ଢେଙ୍କାନାଳ ଅଫିସ, ୧।୬

ଢେଙ୍କାନାଳରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ ସଂକ୍ରାନ୍ତ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଜିଲା ସ୍ୱାସ୍ଥ୍ୟ ମିଶନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି କହିଲେ, ଅଗଷ୍ଟ ୧୦ରୁ ଏହି ଅଭିଯାନ ଆରମ୍ଭ ହୋଇ ୧୯ ତାରିଖ ଯାଏ ଚାଲିବ। ଦୁଇବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଏବଂ ଗୁରୁତର ଅସୁସ୍ଥ ବ୍ୟକ୍ତି ଡିଇସି ଏବଂ ଆଲବେଣ୍ଡାଜଲ ବଟିକା ସେବନ କରିବେ ନାହିଁ। ୬ ବର୍ଷରୁ କମ୍ ବୟସର ଶିଶୁ ଏବଂ ୭ଦିନର ପ୍ରସୂତି ଆଇଭର ମେକଟିନ ବଟିକା ଖାଇବେ ନାହିଁ।

ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ କହିଲେ, ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟକର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟ, ଆଶା, ଅଙ୍ଗନୱାଡି କର୍ମୀ, ବେସରକାରୀ ସଙ୍ଗଠନର କର୍ମୀଙ୍କୁ ଔଷଧ ସେବନ ବିଧି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ସେମାନେ ଲୋକଙ୍କୁ ସଚେତନ କରାଇବେ। ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବ। ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶକ ଡା. ନିଲମ ସମଲକର କହିଲେ, ଫାଇଲେରିଆ ପଜିଟିଭ୍ ଚିହ୍ନଟ ଅଞ୍ଚଳକୁ ଫୋକସ୍ କରାଯାଉଛି।। ଔଷଧ ସେବନରୁ ଯେପରି ଜଣେ କେହି ବାଦ୍ ନ ପଡ଼ନ୍ତି ସେଥିଲାଗି ଗୁରୁତ୍ୱ ଦିଆଯାଉଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରାଜ୍ୟ ସଂଯୋଜକ ଡା. ବିଶ୍ୱ ପ୍ରକାଶ ଦତ୍ତ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ରୋଗର ଲକ୍ଷଣ, ନିରାକରଣ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ କହିଲେ, ବର୍ଷକୁ ମାତ୍ର ଥରେ ଲଗାତର ୨ ବର୍ଷ ଡିଇସି, ଆଲବେଣ୍ଡାଜଲ ଓ ଆଇଭର ମେକ୍‌ଟିନ ଔଷଧ ଖାଇଲେ ବାତଜ୍ୱର କୀଟାଣୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଆନ୍ତି। ଜିଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ସମସ୍ତେ ଶପଥ ନେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଭେକ୍ଟରବାହିତ ରୋଗ ନିରାକରଣ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ, ସୁପରିଟେଣ୍ଡେଣ୍ଟ, ମେଡିକାଲ ଅଫିସର, ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।



ଫାଇଲେରିଆ ନିରାକରଣ ପାଇଁ ଜିଲାସ୍ତରୀୟ ପ୍ରଶିକ୍ଷଣ।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ପରଜଙ୍ଗ, ୧।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥ ଅନ୍ତର୍ଗତ କୁନାଲ ଷ୍ଟ୍ରକ୍ଚର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଠିକାସଂସ୍ଥା ଅସ୍ଥାୟୀ ଶିବିର ସମ୍ମୁଖରେ ବୁଧବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୋଳ ଜିଲା କୁକୁଡ଼ାଙ୍ଗ ଗ୍ରାମର ସୁବ୍ରତ ପ୍ରଧାନ (୩୬)।

ପୋଲିସ ସୂଚନା ଅନୁଯାୟୀ, ସୁବ୍ରତ ପରଜଙ୍ଗ ବ୍ଲକ କନ୍ତୋର ଗ୍ରାମରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ କାର୍ (ଓଡ଼ି ୦୨ ବିଡବ୍ଲ୍ୟୁ ୭୫୦୫) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁବ୍ରତଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର୍ ଜବତ କରି ପୋଲିସ ତନାଘନା ଜାରି ରଖିଛି।

ଅନ୍ୟପଟେ ଜାତୀୟ ଦୋହରୀକରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହୋଇଚାଲିଛି। ଠିକାସଂସ୍ଥା ଅସ୍ଥାୟୀ ଶିବିର ସମ୍ମୁଖ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଦୁର୍ଘଟଣା ଘଟି ବାରମ୍ବାର ଧନଜୀବନ ହାନି ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜନସମ୍ପର୍କ ଅଭିଯାନ ସଫଳ କରିବାକୁ ସଂକଳ୍ପ



ବୈଠକରେ ଭାଜପା ନେତୃବୃନ୍ଦ।

### ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ ଅଫିସ, ୧।୬

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ଗୁରୁବାର ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମାଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କ ୯ବର୍ଷର ସଫଳତା, ସମସ୍ତ ଜନକଲ୍ୟାଣକାରୀ ଯୋଜନା, ଯୁବମୋର୍ଚ୍ଚାର ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସଦସ୍ୟମାନେ ସୋସିଆଲ ମିଡିଆରେ ସକ୍ରିୟ ରହିବା, ଘରକୁ ଘର ବୁଲି ଜନସମ୍ପର୍କ ଅଭିଯାନକୁ ସଫଳ କରିବା ପାଇଁ ସଂକଳ୍ପ ନେଇଥିଲେ।

ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଜନ ପାଣି, ସତ୍ୟରଞ୍ଜନ ଭୂୟାଁ, ମୁଖ୍ୟବକ୍ତାଭାବେ ଢେଙ୍କାନାଳ ଲୋକ ସଭା ବିସ୍ତାରକ ଅମୃତ ସ୍ୱାଇଁ ପ୍ରମୁଖ ଜନସମ୍ପର୍କ ଅଭିଯାନର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରଞ୍ଜିତ ବିଶ୍ୱାଳ, ହରିଶ୍ଚନ୍ଦ୍ର ବେହେରା, ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ଅନିବେଶ୍ ଚାନ୍ଦ, ପଦ୍ମଭୂଷଣ ସାହୁଙ୍କ ସମେତ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲା ଯୁବମୋର୍ଚ୍ଚା ଉପସଭାପତି ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସାନ୍ଧ୍ୟ କଲେଜର ୧୦୦% ରେଜଲ୍ଟ

ଢେଙ୍କାନାଳ ଅଫିସ,୧।୬

ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ଢେଙ୍କାନାଳ ସାନ୍ଧ୍ୟ କନିଷ୍ଠ ମହାବିଦ୍ୟାଳୟର ରେଜଲ୍ଟ ଶତପ୍ରତିଶତ ହୋଇଛି। ବିଜ୍ଞାନରେ ୫ଜଣ ପ୍ରଥମ ଶ୍ରେଣୀରେ, ୫ଜଣ ଦ୍ୱିତୀୟ ଶ୍ରେଣୀରେ ଓ ଅନ୍ୟମାନେ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ୮୨% ମାର୍କ ସହ ଅମରଦୀପ ସାମଲ କଲେଜ ଟପ୍ପର ହୋଇଛି। ସେହିପରି ବାଣିଜ୍ୟ ବିଭାଗରେ ମଧ ସମସ୍ତ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଚନ୍ଦନ ସୁବୁଦ୍ଧି ବିଭାଗୀୟ ଟପ୍ପର ହୋଇଛନ୍ତି।

# ପ୍ରସୂତି ରୋଗୀଙ୍କ ପାଇଁ ଖୋଲିଲା ଏଚ୍‌ଡିୟୁ

ଢେଙ୍କାନାଳ ଅଫିସ, ୧।୬

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ରୋଗୀଙ୍କ ପାଇଁ ଗୁରୁବାରଠାରୁ ଆରମ୍ଭ ହୋଇଛି ହାଇ ଡିପେଣ୍ଡାନ୍ସି ୟୁନିଟ୍ (ଏଚ୍‌ଡିୟୁ)। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ଏହାକୁ ଲୋକାର୍ପଣ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟକୃଷ୍ଣ ନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ଭାନୁଶଙ୍କର ଆଚାର୍ଯ୍ୟ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେଲେ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ରେଫର କରିବାକୁ ପଡୁଥିଲା। ଜିଲା ଚିକିତ୍ସାଳୟରେ ଏଚ୍‌ଡିୟୁ ଖୋଲିବା ଦ୍ୱାରା ଏହି ସମସ୍ୟା ଦୂର ହେବ। ରୋଗୀମାନେ ତ୍ୱରିତ ଚିକିତ୍ସା ପାଇପାରିବେ। ୬ ଶଯ୍ୟା ବିଶିଷ୍ଟ ଉକ୍ତ ୟୁନିଟ୍‌ରେ ଅତ୍ୟାଧୁନିକ ଯନ୍ତ୍ରପାତି, କର୍ମଚାରୀ ଏବଂ ଚିକିତ୍ସା ସୁବିଧା ଉପଲବ୍ଧ କରାଯାଇଥିବା ସୂଚନା ଦିଆଯାଇଛି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଥିବା ଏଚ୍‌ଡିୟୁ।

# ଅମଲା ସାମୂହିକ ଛୁଟିରେ ଯିବା ପରେ ଅଚଳାବସ୍ଥା



ମିଳିତ ଅମଲା ମଞ୍ଚ ପକ୍ଷରୁ ଜିଲା କାର୍ଯ୍ୟାଳୟରେ ଧାରଣା।



ଜିଲା କାର୍ଯ୍ୟାଳୟ ଶୂନଶାନ୍।

### ଖାଁ ଖାଁ କାର୍ଯ୍ୟାଳୟ

ଢେଙ୍କାନାଳ ଅଫିସ, ୧।୬

ନିର୍ଦ୍ଧାରିତ ସମୟରେ ଖୋଲାଯାଇଥିଲା କାର୍ଯ୍ୟାଳୟ। ହେଲେ ନ ଥିଲା ଗହଳଚହଳ। ଫାଙ୍କା ପଡ଼ିଥିଲା ଚୌକି। ପରିବେଶ ଖାଁ ଖାଁ ଲାଗୁଥିବାବେଳେ ଅଫିସ ପ୍ରକୋଷ୍ଠରେ ରାଜୁତି କରୁଥିଲା ଅସମ୍ଭବ ନୀରବତା। ଦାବି ପୂରଣରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ ଅମଲାମାନେ ସାମୂହିକ ଛୁଟିରେ ଚାଲିଯିବା ପରେ ଢେଙ୍କାନାଳର ସମସ୍ତ ସରକାରୀ ଅଫିସରେ ଗୁରୁବାର ଦେଖିବାକୁ ମିଳିଥିଲା ଏଭଳି ଦୃଶ୍ୟ। ଅମଲାଙ୍କ ଏଭଳି ନିଷ୍ପତ୍ତିରେ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଥିବାବେଳେ ସୃଷ୍ଟି ହୋଇଛି ଗୁରୁତର ଅଚଳାବସ୍ଥା।

ସ୍ନାତକ ଯୋଗ୍ୟତାଧାରୀ ଅମଲାଙ୍କୁ ମାଟ୍ରିକ୍ ଅନୁଯାୟୀ ବେତନ ଦିଆଯାଇଛି। ଏହାର ପ୍ରତିବାଦରେ ଜୁନ୍ ପହିଲାରୁ ସାରା ରାଜ୍ୟର ଅମଲାମାନେ ସାମୂହିକ ଛୁଟିରେ ଚାଲିଯାଇଛନ୍ତି। ରାଜ୍ୟ ସରକାରଙ୍କୁ ୩୬ଦିନ ସମୟ ଦିଆଯିବା ପରେ ମଧ ଦାବି ପୂରଣ ନ ହେବାରୁ ସେମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଢେଙ୍କାନାଳ ଜିଲା ମିଳିତ ଅମଲା ମଞ୍ଚ ଆହ୍ୱାନରେ ଏହି ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି ବିଭିନ୍ନ ବିଭାଗର ଅମଲା। ଫଳରେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଲୋକେ ନିରାଶରେ ଫେରିବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି। ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ, ଆବାହକ ଅରୁଣ କୁମାର ବଳିଆରସିଂଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟାଳୟ ପରିସରରେ ଜିଲାର ସମସ୍ତ ଅମଲାମାନେ ପୂର୍ବାହ୍ନ ୮ଟାରୁ ୧୧ଟା ଯାଏ ଧାରଣା ଦେଇଥିଲେ। ଶୁକ୍ରବାରଠାରୁ ଢେଙ୍କାନାଳ, କାମାକ୍ଷାନଗର, ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ୮ ବ୍ଲକ ଅଫିସ ସମ୍ମୁଖରେ ଅନୁରୂପ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ସମ୍ପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଗଣେଶ୍ୱର ପୃଷ୍ଟି, ରାଜୀବ ଲୋଚନ ସାହୁ ପ୍ରମୁଖ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଚୋରା କେନ୍ଦୁପତ୍ର ବୋଝେଇ ଗାଡ଼ି ଜବତ

କଣିହାଁ,୧।୬(ଡି.ଏନ.ଏ.): କଣିହାଁ ବନାଞ୍ଚଳ ବିଭାଗ ପକ୍ଷରୁ ଗୁରୁବାର କଣିହାଁ ଥାନା ଡେରଙ୍ଗ ପଞ୍ଚାୟତ ବୋଲ ଗ୍ରାମ ନିକଟରେ ଚଢାଉ କରାଯାଇ ଏକ କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରାଯାଇଛି। ଉକ୍ତ ଗାଡ଼ିରୁ ୨୨ ବଣ୍ଡଲ କେନ୍ଦୁପତ୍ର ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପଶ୍ଚିମବଙ୍ଗର ଲକ୍ଷ୍ମଣ ବିଶାଲ(୩୨)ଙ୍କୁ ଗିରଫ କରାଯାଇଥିବା କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ ପ୍ରକାଶ କରିଛନ୍ତି।



# ଜାମତରାରୁ ଧରାପଡ଼ିଲେ ସାଇବର ଠକ

- ଅନୁଗୋଳ ସାଇବର ପୋଲିସକୁ ବଡ଼ ସଫଳତା
- ବ୍ୟାଙ୍କ ମ୍ୟାନେଜରଙ୍କ ଆକାଉଣ୍ଟରୁ ଲୁଟିଥିଲେ ୭ ଲକ୍ଷ
- କେୱାଇସିରୁ ଜଣାପଡ଼ିଲା ଠକଙ୍କ ଠିକଣା

ଅନୁଗୋଳ ଅଫିସ,୧।୬



ଅନୁଗୋଳ ସାଇବର ପୋଲିସକୁ ମିଳିଛି ବଡ଼ ସଫଳତା। ଏକ ସାଇବର ଠକେଇ ମାମଲାରେ ଝାଡ଼ଖଣ୍ଡର ଜାମତରାରୁ ଜଣେ ଠକଙ୍କୁ ପୋଲିସ ଗିରଫ କରି ଅନୁଗୋଳ ଆଣୁଥିବା ସୂଚନା ମିଳିଛି। ତଦନ୍ତ ବେଳେ ଠକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧ ଲକ୍ଷ ଟଙ୍କାକୁ ମଧ୍ୟ ଜବତ କରାଯାଇଛି। ଜାମତରା ସାଇବର କ୍ରାଇମବ୍ରାଞ୍ଚ ସହାୟତାରେ ଅନୁଗୋଳ ପୋଲିସ ସମ୍ପୃକ୍ତ ଠକଙ୍କୁ ଗିରଫ କରିପାରିଥିବା ସୂଚନା ମିଳିଛି।

ପୋଲିସ କହିଛି, ଅନୁଗୋଳ ସହରରେ ଥିବା ଏକ ବ୍ୟାଙ୍କର ଶାଖା ପରିଚାଳକ ମାନସ ରଞ୍ଜନ ଖୁଣ୍ଟିଆ ଏପ୍ରିଲ ୨୯ରେ ସାଇବର ଠକେଇର ଶିକାର ହୋଇଥିଲେ। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ କଲ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ଏକ ଟେଲିକମ ସଂସ୍ଥାର ଅଫିସର ପରିଚୟ ଦେବା ସହ ମୋବାଇଲ ସିମ୍‌କୁ ୪ଜିରୁ ୫ଜିକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। ମାନସ ଏଥିରେ ସହମତି ପ୍ରକାଶ କରିବାରୁ ଠକ ଜଣକ ମାନସଙ୍କ ମୋବାଇଲ୍‌କୁ ଏକ ଲିଙ୍କ୍ ପଠାଇଥିଲେ। ଏଥିସହ ଏକ ମୋବାଇଲ ନମ୍ବର ମଧ୍ୟ ଦେଇଥିଲେ। ପଠାଯାଇଥିବା ଲିଙ୍କ୍‌କୁ ଦିଆଯାଇଥିବା ମୋବାଇଲ ନମ୍ବରରେ ଶେୟାର କରିବାକୁ କହିଥିଲେ। ମାନସ ଲିଙ୍କ୍ ଶେୟାର କରିବା ପରେ ୩ ଥରରେ ତାଙ୍କ ଆକାଉଣ୍ଟରୁ ୭ ଲକ୍ଷ ଟଙ୍କା କଟି ଯାଇଥିଲା। ସାଇବର ଠକେଇର ଶିକାର ହୋଇଥିବା ମାନସ ଜାଣିବା ପରେ ତୁରନ୍ତ ଅନୁଗୋଳ ସାଇବର ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୯/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଧିକ ତଦନ୍ତ ବେଳେ ଝାଡ଼ଖଣ୍ଡର ଜମତରାରୁ ବ୍ୟାଙ୍କ ମ୍ୟାନେଜରଙ୍କ ନିକଟକୁ ଫୋନ କଲ୍ ଆସିଥିବା ଓ ଠକେଇ ହୋଇଥିବା ଟଙ୍କା ସେଠାକାର ଏକ ବ୍ୟାଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଥିଲା। ଫଳରେ ଅନୁଗୋଳ ସାଇବର ଥାନାର ଏକ ୫ ଜଣିଆ ଟିମ୍ ସାଇବର ଠକଙ୍କ ପେଣ୍ଠସ୍ଥଳ କୁହାଯାଉଥିବା ଝାଡ଼ଖଣ୍ଡର ଜମତରା ଅଭିମୁଖେ ଗତ ଶୁକ୍ରବାର ଗସ୍ତ କରିଥିଲା। ସେଠାରେ ଉକ୍ତ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ସମୟରେ ଦିଆଯାଇଥିବା କେୱାଇସିରୁ ଠକ ରିୟାଜୁଦ୍ଦିନ ଅନସାରି (୨୨)ଙ୍କ ଠିକଣା ପୋଲିସକୁ ମିଳିଯାଇଥିଲା। ଫଳରେ ସେଠାକାର ସାଇବର ପୋଲିସ ସହାୟତାରେ ଅନୁଗୋଳ ପୋଲିସ ରିୟାଜୁଦ୍ଦିନଙ୍କୁ ଗିରଫ କରିପାରିଥିଲା। ପଚରାଉଚରା ବେଳେ ଅନୁଗୋଳ ସାଇବର ପୋଲିସକୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଥିଲା। ଜମତରାରୁ ସାଇବର ଠକେଇ ଅପରେଟ କରୁଥିବା ଗ୍ୟାଙ୍ଗରେ ଏକାଧିକ ସଦସ୍ୟ ରହିଥାନ୍ତି। ସେମାନେ ୪ଟି ଟିମ୍ ହୋଇ ଫୋନ୍ କରିବା ଠାରୁ ଆରମ୍ଭ କରି ଟାର୍ଗେଟ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର ପର୍ଯ୍ୟନ୍ତ କାର୍ଯ୍ୟ କରିଥାନ୍ତି। ଏପରି କି ସାଧାରଣ ଲୋକଙ୍କୁ ୧୦ରୁ ୧୫ ପ୍ରତିଶତ କମିଶନ ଦେବାର ଲୋଭ ଦେଖାଇ ସେମାନଙ୍କ ଆକାଉଣ୍ଟକୁ ଠକେଇ ଟଙ୍କା ଟ୍ରାନ୍ସଫର କରିଥାନ୍ତି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ସାଇବର ପୋଲିସ ପକ୍ଷରୁ କୁହାଯାଇଛି।

## କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର

ତାଳଚେର,୧।୬(ନି.ପ୍ର.)

ତାଳଚେରକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଦୀର୍ଘ ୧୭୬ ଦିନ ହେବ ଗଣଧାରଣାରେ ବସିଥିବା ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ଏକ ଦାବିପତ୍ର ତାଳଚେର ଗସ୍ତରେ ଆସିଥିବା ଓଡ଼ିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଦେଶର ସବୁଠାରୁ ଅଧିକ କୋଇଲା ଓ ବିଜୁଳି ଉତ୍ପାଦନ ତାଳଚେରରୁ କରାଯାଉଛି। ତାଳଚେର ସରକାରଙ୍କୁ ସବୁଠାରୁ ଅଧିକ ରାଜସ୍ୱ ଦେଉଛି। ଏଥିଯୋଗୁ ତାଳଚେର ସବୁଠାରୁ ଅଧିକ ପ୍ରଦୂଷିତ ଓ ଉତ୍ତପ୍ତ ଅଞ୍ଚଳରେ ପରିଣତ ହୋଇଛି। ତଥାପି ଏଠାକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ଓ ପରିବେଶର ଉନ୍ନତି ହୋଇପାରି ନାହିଁ। ପାଲଲହଡା, ପରଜଙ୍ଗ, କଙ୍କଡାହାଡ ଆଦି ଅଞ୍ଚଳିକୁ ମିଶାଇ ତାଳଚେରକୁ ଜିଲା ଘୋଷଣା କରାଗଲେ ଏ ଅଞ୍ଚଳ ଗୁଡିକର ଉନ୍ନତି ହୋଇପାରିବ। ତେଣୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ କ୍ରିୟାନୁଷ୍ଠାନ କମିଟିର ଶୋଭାଗିନୀ ଦାସ, ନିଲମ୍ ଲାଲ୍, ବାଉରୀବନ୍ଧୁ ବେଜ, ସୁକାନ୍ତ ଦାସ, ବିଜୟ ମିଶ୍ର, ମନୋଜ ରାଉତ, ଡାକ୍ତର ପରିଡା, ମିରା ଲାଲ୍, ମୌନାବତୀ ନାହାକ ଓ ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ।

## ମା’ ହିଙ୍ଗୁଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ତାଳଚେର,୧।୬(ନି.ପ୍ର.)

ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମ ସାମନ୍ତସାହିସ୍ଥିତ ଆମ୍ବତୋଟା ପଡିଆରେ ମା’ ହିଙ୍ଗୁଳା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ୪ର୍ଥ ବାର୍ଷିକ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବହ୍ଲର ଦଳକୁ ହରାଇ ଟେଣ୍ଟୁଲେଇ ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘଣ୍ଟପଡା ସମିତିସଭ୍ୟ କରୁଣାକର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ସାମାଜିକ କର୍ମୀ ବିଭୂତି ସାହୁ, କ୍ଷୀରୋଦ ସାହୁ, ସୁରେଶ ଚନ୍ଦ୍ର ସାହୁ, କାହ୍ନୁ ଚରଣ ଦାସ, ମନୋଜ ଦାସ, ଅଜୟ ଦାସ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଟେଣ୍ଟୁଲେଇ ଦଳର କ୍ୟାପ୍ଟେନ ପପୁନ ଓ ମ୍ୟାନ ଅଫ ଦି ସିରିଜ ଭାବେ ଭିକୁଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଦିଲୀପ କୁମାର ଦାସ ଓ ଟିନୁ ସାହୁ ଖେଳ ପରିଚାଳନା କରିଥିବାବେଳେ ଟିକେନ ମାଷ୍ଟ୍ରେ, ପିଲୁ ଦାସ, ସିତନ ମହାନ୍ତି, କ୍ଲବର ଅଶୋକ ଦାସ, ମଣ୍ଟୁ ଦାସ, ଶିବା ସାହୁ, ସିଙ୍ଗୁଲ ଦାସ, ସମୀର ସାହୁ, ଅମୀର ସାହୁ, ପିନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ଖେଳାଳିମାନେ।

## ଥଣ୍ଡା ପାନୀୟ ଜଳ ମେଶିନ ସ୍ଥାପନ



ଅନୁଗୋଳ ଅଫିସ,୧।୬

ରୋଟାରି କ୍ଲବ ଅନୁଗୋଳ ରୟାଲ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଥଣ୍ଡା ପାନୀୟ ଜଳ ମେଶିନ ସ୍ଥାପନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ହରଗୋବିନ୍ଦ ମହାପାତ୍ର, ସମ୍ପାଦକ ଜୟପ୍ରକାଶ ମୋଦି, ଡାକ୍ତର ପ୍ରଭାତ ପଣ୍ଡା, ଡାକ୍ତର ବିଶ୍ୱଜିତ୍ ସାମଲ, ମଧୁ ଗୁପ୍ତା, ଡାକ୍ତର ସୌମ୍ୟକାନ୍ତ ବିଶୋଇ, ଅନିଲ ଗୁପ୍ତା, ମିଲନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଅମଲା ସଂଘର ପ୍ରତିବାଦ, ଧାରଣା

ତାଳଚେର/ ଛେଣ୍ଡିପଦା/ ଅନୁଗୋଳ ଅଫିସ, ୧।୬

ରାଜ୍ୟ ସରକାର ଦାବି ପୂରଣ କରି ନ ଥିବାରୁ ଅନୁଗୋଳ ଜିଲାର ପ୍ରାୟ ୮ଶହ କର୍ମଚାରୀ ସମୂହ ଛୁଟିରେ ଯିବା ସହ ରାଜ୍ୟ ଅମଲା ସଂଘ ଆହ୍ୱାନରେ ଧାରଣା ଦେଇଛନ୍ତି। ଜିଲା ହେଡ୍‌କ୍ୱାର୍ଟରରେ କାର୍ଯ୍ୟରତ ୩ଶହ କର୍ମଚାରୀଙ୍କ ସହ ୮ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଅମଲାମାନେ ଏହି ଧାରଣାରେ ସାମିଲ ହୋଇଛନ୍ତି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଓ କମ୍ପ୍ୟୁଟର ଦକ୍ଷତା ଥାଇ ମଧ୍ୟ ଓଡ଼ିଶାର ସମସ୍ତ ଅମଲାଙ୍କ ଦରମା ଗ୍ରେଡ୍ ପେ-୧୯୦୦ (ଲେଭେଲ-୪) ରହିଛି। ତେଣୁ ଏହାର ପ୍ରତିବାଦ କରିବା ସହ ଏହି ଗ୍ରେଡ ପେ-୪୨୦୦ (ଲେଭେଲ-୯)କୁ ବୃଦ୍ଧି କରିବା ପାଇଁ ଓଡ଼ିଶାର ସମସ୍ତ ଅମଲା ସଂଘ ଦୀର୍ଘଦିନ ଧରି ଦାବି କରି ଆସୁଥିବା ବେଳେ ଏପର୍ଯ୍ୟନ୍ତ କିଛି ସୁଫଳ ନ ମିଳିବାରୁ ଗତ ୨୫ ତାରିଖଠାରୁ ସମସ୍ତ ଅମଲା କର୍ମଚାରୀ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ କରୁଥିଲେ। କିନ୍ତୁ ରାଜ୍ୟ ସରକାର ଅମଲା କର୍ମଚାରୀମାନଙ୍କ ଦାବି ପୂରଣ ନ କରିବାରୁ ସଂଘର ନିଷ୍ପତ୍ତି କ୍ରମେ ଏହି ଧାରଣା ଦିଆଯାଇଥିବା କୁହାଯାଇଛି। ସେହିପରି ତାଳଚେର ବ୍ଲକ ଶାଖା ଅମଲା ସଂଘ ପକ୍ଷରୁ ମଧ୍ୟ ଧାରଣା ଦିଆଯାଇଛି। ଛେଣ୍ଡିପଦା ବ୍ଲକସ୍ତରୀୟ ଅମଲା ସଂଘ ପକ୍ଷରୁ ମଧ୍ୟ ଧାରଣା ଦିଆଯାଇଥିବାରୁ ଛେଣ୍ଡିପଦା ତହସିଲ, ବ୍ଲକ, ଟ୍ରେଜେରି, ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲା ଅମଲା ମଞ୍ଚର ଛେଣ୍ଡିପଦା ଶାଖା ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ପାଦକ ରଞ୍ଜିତ ସାହୁ, କୋଷାଧ୍ୟକ୍ଷ ଘନଶ୍ୟାମ ନାୟକଙ୍କ ସମେତ ସମସ୍ତ ଅମଲା ସାମିଲ ହୋଇଥିଲେ।




ଅନୁଗୋଳରେ ଅମଲା ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

## ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଲୋଚନା

ବଇଣ୍ଡା,୧।୬(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ କଲଜିକଟା ଗ୍ରାମ ଆମ୍ବତୋଟା ପରିସରରେ ବୁଧବାର ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା କଲଜିକଟା ପୁଞ୍ଜି ଆୟୋଜନ ସମିତିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଚୈତନ୍ୟ ସାଏ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୁଞ୍ଜିର ମହାସଚିବ ନନ୍ଦକିଶୋର ନାୟକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଲୋଚନା କରାଯାଇଥିଲା। ଏଥିସହିତ କୃଷି, ଗାଈ, ଛେଳି ଓ କୁକୁଡ଼ା ପାଳନ କରି କିଭଳି ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜର ନୀତି ଆଦର୍ଶରେ ଚଳିବାକୁ ପରାମର୍ଶ ଦିଆଯାଇଥିଲା। ସଭାରେ ପୂର୍ବତନ ମହାସଚିବ ସାନନ୍ଦ ନାୟକ, ବରିଷ୍ଠ ଶିକ୍ଷକ ଭଜମନ ନାୟକ, ଘନଶ୍ୟାମ ନାୟକ, ଅବସରପ୍ରାପ୍ତ ଆର୍‌ଆଇ ଚୈତନ୍ୟ ନାୟକ, ଶ୍ରୀପତି ନାୟକ, ରାଜକିଶୋର ନାୟକ, ରଜନୀ ନାୟକ, ନରୋତ୍ତମ ନାୟକ, ବନ୍ଧୁଆ ନାୟକ, ନରେନ୍ଦ୍ର ନାୟକ, ଶୁକଦେବ ନାୟକ, ବିଜୁଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କଲଜିକଟା ପୁଞ୍ଜି ଆୟୋଜନ ସମିତିର ବାର୍ଷିକ ବୈଠକ।

## ବଦଳିଲେ ୧୩ ଥାନା ଅଧିକାରୀ, ୨ ଏସ୍‌ଆଇ

ଅନୁଗୋଳ ଅଫିସ, ୧।୬

ଅନୁଗୋଳ ଜିଲା ପୋଲିସ ପକ୍ଷରୁ ଗୁରୁବାର ଥାନା ଅଧିକାରୀସ୍ତରରେ ନ୍‌ବଡ଼ ଧରଣର ଅଦଳ ବଦଳ କରାଯାଇଛି। ଜିଲାର ୧୩ଟି ଥାନା ଅଧିକାରୀଙ୍କର ଅଦଳ ବଦଳ ହୋଇଥିବାବେଳେ ୨ ଜଣ ଏସ୍‌ଆଇଙ୍କୁ ଫାଣ୍ଡି ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ସାଇବର ଥାନାରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଉକ୍ତ ଥାନା ମୁକୁଳା ପଡ଼ିଥିବା ଜଣାପଡ଼ିଛି।

ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଚିଠି ନଂ. ୭୩୬ରେ କୋଲିୟାରୀ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ଛେଣ୍ଡିପଦା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କୁ ଅନୁଗୋଳ ସଦର ଥାନାକୁ ବଦଳି କରାଯାଇଛି। ସେହିଭଳି ଅନୁଗୋଳ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କୁ କୋଲିୟାରୀ ଥାନା ଅଧିକାରୀ, ବାଗେଡ଼ିଆ ଥାନା ଅଧିକାରୀ ମାନସ କୁମାର ମହାକୁଡ଼ଙ୍କୁ ନିଶା ଥାନା ଅଧିକାରୀ, ନିଶା ଥାନା ଅଧିକାରୀ ପ୍ରିୟବ୍ରତ ଦାସଙ୍କୁ ଠାକୁରଗଡ଼ ଥାନା, ଠାକୁରଗଡ଼ ଥାନା ଅଧିକାରୀ ପୀତାମ୍ବର ମଲ୍ଲିକଙ୍କୁ ଜରପଡ଼ା ଥାନା ଅଧିକାରୀ, ଜରପଡ଼ା ଥାନା ଅଧିକାରୀ ସରୋଜକାନ୍ତ ସାମଲଙ୍କୁ ସମଲ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଏଥିସହ ସମଲ ଥାନା ଅଧିକାରୀ ଯାଜ୍ଞସିନୀ ପ୍ରଧାନଙ୍କୁ ନାଲ୍‌କୋ ଥାନା, ସାଇବର ଥାନା ଅଧିକାରୀ ନିରୁପମା ଜେନାଙ୍କୁ ବଅଁରପାଳ ଥାନା, ବଅଁରପାଳ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କୁ ରେଙ୍ଗାଳି ଥାନା, ରେଙ୍ଗାଳି ଥାନା ଅଧିକାରୀ ଓନମ୍ ଲାକ୍ରାଙ୍କୁ ଜିଲା ପୋଲିସ ମୁଖ୍ୟାଳୟ, କିଆକଟା ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କୁ କୋଲିୟାରୀ ଥାନା ଅତିରିକ୍ତ ଥାନା ଅଧିକାରୀ ସହ ଚାଇଁପାଳ ଫାଣ୍ଡି ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେହିଭଳି ସଦର ଥାନାର ଏସ୍‌ଆଇ ଆଶିଷ କୁମାର ସ୍ୱାଇଁଙ୍କୁ କିଆକଟା ଫାଣ୍ଡି ଅଧିକାରୀ ଓ ତାଳଚେର ଥାନାର ଏସ୍‌ଆଇ ବିପ୍ଳବ ସାହୁଙ୍କୁ ବାଗେଡ଼ିଆ ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁଗୋଳ ଏସ୍‌ପି ଭାବେ ସୁଧାଂଶୁ ଶେଖର ମିଶ୍ର ଯୋଗଦେବା ପରେ ପ୍ରଥମ ଥର ପାଇଁ ତାଙ୍କ ଟିମ୍‌ରେ ବଡ଼ ଧରଣର ପରିବର୍ତ୍ତନ କରିଥିବା ଜଣାପଡ଼ିଛି।

## ପାଇଖାନା ନିର୍ମାଣରେ ଅନିୟମିତତା ଅଭିଯୋଗ

ବଇଣ୍ଡା,୧।୬(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପେଡିପଥର ପଞ୍ଚାୟତରେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ସରପଞ୍ଚ ଭରତ ଚନ୍ଦ୍ର ସାହୁ ବୁଧବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ୨୦୧୯ ଓ ୨୦୨୦ ମସିହାରେ ପଟ୍ଟାପଥର, ବରହମ, ଝାରବଇଣ୍ଡା, ପେଡିପଥର ଅଞ୍ଚଳରେ ସ୍ୱଚ୍ଛଭାରତ ଯୋଜନାରେ ନିର୍ମାଣ ହୋଇଥିବା ପାଇଖାନାରେ ବ୍ୟାପକ ଅନିୟମିତତା ହୋଇଛି। ଅନେକ ବ୍ୟକ୍ତିଙ୍କ ଘରେ ପାଇଖାନା ନିର୍ମାଣ ନ ହୋଇ ଅର୍ଥ ହେରଫେର କରାଯାଇଛି। କିଛିମାସ ତଳେ ଜଣେ ହିତାଧିକାରୀ ତାଙ୍କ ନାମରେ ମିଥ୍ୟା ବିଲ କରି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରି ଆଠମଲ୍ଲିକ ଉପଜିଲାପାଳଙ୍କଠାରେ ଅଭିଯୋଗ କରିବା ସହ ଅନଶନ କରିଥିଲେ। ଏହି ଘଟଣା ତଦନ୍ତ କରାଯାଇ ଶୀଘ୍ର ପଦେକ୍ଷପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଅଦ୍ୟାବିଧି ତଦନ୍ତ କରାଯାଇ ନାହିଁ। ତୁରନ୍ତ ଅନୁଗୋଳ ଜିଲାପାଳ ଦୃଷ୍ଟି ଦେଇ ଭିଜିଲାନ୍ସ ତଦନ୍ତ କରିବା ପାଇଁ ସରପଞ୍ଚ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା କହିଛନ୍ତି, ପେଡିପଥର ପଞ୍ଚାୟତରେ ପାଇଖାନାରେ ହେର୍‌ଫେର ହୋଇଥିବା ସରପଞ୍ଚ ଅଭିଯୋଗ କରିଥିଲେ। ଉକ୍ତ ପଞ୍ଚାୟତରେ ୧୨୦୦ ପାଇଖାନା ନିର୍ମାଣ ହୋଇଥିବାବେଳେ ଆର୍‌ଟିଆଇ ମାଧ୍ୟମରେ ତାଙ୍କୁ ତଥ୍ୟ ଦିଆଯାଇଛି। କେଉଁ କେଉଁ ଅଞ୍ଚଳରେ କାହା କାହାର ମିଥ୍ୟା ବିଲ୍ କରାଯାଇଛି ସମସ୍ତ ତଥ୍ୟ ଦେବାକୁ ସରପଞ୍ଚଙ୍କୁ କୁହାଯାଇଛି। ତଥ୍ୟ ଆସିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ୫ରେ ମେଗା ରକ୍ତଦାନ ଶିବିର

ଢେଙ୍କାନାଳ ଅଫିସ, ୧।୬

ଢେଙ୍କାନାଳ ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ର ମନ୍ଦିର ପ୍ରାଙ୍ଗଣରେ ସାଇନାଥ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଆସନ୍ତା ୫ ତାରିଖରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଭଳି ମହତ୍ କାର୍ଯ୍ୟରେ ବହୁସଂଖ୍ୟାରେ ଯୋଗଦେଇ ରକ୍ତଦାନ କରିବାକୁ ଅନୁଷ୍ଠାନ ପକ୍ଷରୁ ଆହ୍ୱାନ କରାଯାଇଛି। ବୈଠକରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ମିଶ୍ର, ପ୍ରତାପ ମଲ୍ଲିକ, ବ୍ରଜମୋହନ ମହାନ୍ତି, ଲିଆକତ୍ ଅଲ୍ଲି ଖାଁ, ପିନୁ ଗିରି, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ପ୍ରମୋଦ ମହାପାତ୍ର, ଯୋଗୀନାଥ ମହାନ୍ତି, ଅକ୍ଷୟ ସାହୁ, ପ୍ରଦୋଷ ମହାପାତ୍ର, ଜିତେନ୍ଦ୍ର ଧଳ, ସୁଧାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅନୁଷ୍ଠାନର ସଦସ୍ୟମାନେ।

## ଜଳକଷ୍ଟ ଦୂର କରିବ ବର୍ଷାଜଳ ସଂରକ୍ଷଣ

ରାସୋଲ, ୧।୬(ଡି.ଏନ୍.ଏ.)

ଢେଙ୍କାନାଳ ନେହେରୁ ଯୁବକେନ୍ଦ୍ର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବର ମିଳିତ ସହଯୋଗରେ ‘ଜଳ ସଂରକ୍ଷଣ ଓ ପରିବେଶ ନିମନ୍ତେ ଜୀବନଶୈଳୀ’ ଶୀର୍ଷକ ଏକଦିବସୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କଟିଆସ୍ଥିତ ଗଣେଶ୍ୱର କ୍ଲବ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଗଣେଶ୍ୱର କ୍ଲବ ସଭାପତି ଶ୍ରୀନିବାସ ମିଶ୍ର, ପରିଚାଳନା କମିଟି ସଭ୍ୟ ବାଉରିବନ୍ଧୁ ପାଳ, ସମ୍ପାଦକ ରାଜେନ୍ଦ୍ର କୁମାର ପାଳ ଯୋଗଦେଇଥିଲେ। ବର୍ଷା ଜଳ ସଂରକ୍ଷଣ ଦ୍ୱାରା ଜଳସଂକଟକୁ ଅନେକାଂଶରେ ପ୍ରତିହତ କରାଯାଇପାରିବ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ‘ମିଶନ ଶକ୍ତି ଦେଇଛି ନୂତନ ପରିଚୟ’

କଣିହାଁ,୧।୬(ଡି.ଏନ.ଏ.)

ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଗୁରୁବାର ଦିନିକିଆ କଣିହାଁ ବ୍ଲକ ଗସ୍ତରେ ଆସି ମିଶନ ଶକ୍ତି ଭବନ ଉଦ୍‌ଘାଟନ କରିଛନ୍ତି। ଏଥିସହ ମନ୍ତ୍ରୀ ଏନ୍‌ଟିପିସିଠାରେ ଶହୀଦ ସ୍ତମ୍ଭ, କଣିହାଁ ବ୍ଲକ ପରିସରରେ ଥିବା ଶହୀଦ ସ୍ତମ୍ଭ, ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ପବିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଳ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ନିଶାନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପ୍ରଜାମଣ୍ଡଳ ଭବନ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ନେଇ ଆୟୋଜିତ ମହିଳା ସମାବେଶରେ ମନ୍ତ୍ରୀ ହେମ୍ବ୍ରମ ଯୋଗଦେଇ ମିଶନ ଶକ୍ତି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ନୂତନ ପରିଚୟ ଦେଇଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ରଶ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ଲକ ମହିଳା ସଭାନେତ୍ରୀ ସନ୍ଧ୍ୟାରାଣୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜେଡି ସମ୍ପାଦକ ସୀମାଞ୍ଚଳ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ସଭାପତି କୈଳାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାବେଶରେ ବ୍ଲକର ଶତାଧିକ ଏସ୍‌ଏଚ୍‌ଜି ମହିଳା, ବ୍ଲକର ନିର୍ବାଚିତ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।




ମହିଳା ସମାବେଶରେ ମନ୍ତ୍ରୀଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ।

